# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା


ସଂଖ୍ୟା - ୭୦ (ଓଡ଼ିଆ ବୁଲେଟିନ୍)   ସପ୍ତାହ - ୩୫   ତାରିଖ: ୦୨.୦୯.୨୦୨୫

## ଜିଲ୍ଲା – ଝାରସୁଗୁଡ଼ା

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୭.୦୮.୨୦୨୫ ରୁ ୦୨.୦୯.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ |
| ଝାରସୁଗୁଡ଼ା | 33 | 34 | 33 | 34 | 33 | 34 | 34 | 25 | 25 | 25 | 26 | 25 | 24 | 24 | 0.8 | 0.0 | 0.0 | 0.0 | 11.8 | 11.5 | 8.6 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୩-୦୯-୨୦୨୫ | ୦୪-୦୯-୨୦୨୫ | ୦୫-୦୯-୨୦୨୫ | ୦୬-୦୯-୨୦୨୫ | ୦୭-୦୯-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 60 | 40 | 15 | 20 | 20 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 28 | 28 | 28 | 30 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 25 | 26 | 26 | 26 |
| ମେଘ ଆବରଣ (ଓକଟା) | 8 | 7 | 5 | 6 | 6 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 93 | 95 | 96 | 94 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 70 | 74 | 72 | 72 | 72 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 6 | 9 | 4 | 5 | 9 |
| ପବନର ଦିଗ (ଡିଗ୍ରୀ) | 97 | 95 | 163 | 242 | 251 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହ କିଛିଟା ସ୍ଥାନରେ ମଧ୍ୟମ ବର୍ଷା ଓ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ବା ବଜ୍ରପାତ ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ କିମ୍ବା ସମ୍ପୂର୍ଣ ମେଘାଚ୍ଛନ ରହିପାରେ । ଆସନ୍ତା ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ କିନ୍ତୁ ସର୍ବାଧିକ (ଦିନର) ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୪ ରୁ ୯ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ପ୍ରଚଳିତ ବର୍ଷା ଓ ଆଗାମୀ ଦିନରେ ହେବାକୁ ଥିବା ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ଠିଆ ଫସଲ କ୍ଷେତରେ ଜଳସେଚନ ତଥା କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ ଏବଂ ଅନ୍ତଃଚାଷ କରିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।
- କ୍ଷେତରୁ ଅତିରିକ୍ତ ବର୍ଷା ପାଣି ସଂରକ୍ଷଣ କରିବାର ଉଚିତ ବ୍ୟବସ୍ଥା କରନ୍ତୁ।
- ଉଭୟ କ୍ଷେତ ଏବଂ ଉଦ୍ୟାନ ଫସଲରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।
- ଚାଷୀଭାଇମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ

| |
|---|
| ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ ।<br>• ସତର୍କ ଚେତାବନୀ ଦିଆଯାଇଥିବା ଅବଧି ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ଏବଂ ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ । |
| **ସଂକ୍ଷିପ୍ତ ଉପଦେଶ** |
| • ଆଗାମୀ ଦିନରେ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଫଳ ଏବଂ ପନିପରିବା କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । |
| **ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ** |

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ସକ୍ରିୟ ପିଲ ଅବସ୍ଥା | • ଆଗାମୀ ଦିନରେ କିଛିଟା ସ୍ଥାନରେ ମଧ୍ୟମ ଧରଣର ବର୍ଷା ଓ ଗୋଟେ କିମ୍ବା ଦୁଇଟା ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନେ ଜଳସେଚନ କିମ୍ବା ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ।<br>• ଚାଷୀଭାଇମାନେ ସେମାନଙ୍କ ଧାନ କ୍ଷେତକୁ କାଣ୍ଡ ବିନ୍ଧା, ପତ୍ର ମୋଡା, ବଂଗୀ ପୋକ ଇତ୍ୟାଦୀର ଆକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକମାନଙ୍କ ସଂକ୍ରମଣ ପାଇଁ ଅନୁକୁଳ ଅଟେ । ପୂର୍ବ ଦିନଗୁଡାକରେ ପାଣିପାଗର ଯେଉଁ ସ୍ଥିତି ରହିଥିଲା ତାହା କ୍ଷେତରେ ବିଜାଣୁ ଜନିତ ପତ୍ର ପୋଡ଼ା କିମ୍ବା ପତ୍ରାଗାର ରୋଗର ପ୍ରାଦୁର୍ଭାବ ପାଇଁ ଅନୁକୁଳ ଅଟେ, ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । |
| ମକା | ଅଂଗିୟ ଅବସ୍ଥା | • ଚାଷୀଭାଇମାନେ ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ କାରଣ ବର୍ଷା ହେବାର ସ୍ଥିତି ଦେଖାଦେଇପାରେ ।<br>• ପୂର୍ବ ଦିନଗୁଡିକରେ ପାଣିପାଗର ଯେଉଁ ସ୍ଥିତି ଥିଲା ତାହା ମକା କ୍ଷେତରେ କାଣ୍ଡବିନ୍ଧା ଓ ଫଲ ଆର୍ମି ୱର୍ମ ପୋକର ଆକ୍ରମଣ ପାଇଁ ଅନୁକୁଳ ଥିଲା, ତେଣୁ ଚାଷୀମାନଙ୍କୁ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. @ ୦.୪ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ % ଏସ୍.ଜି. @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ଭଲ ଭାବରେ ମିଶାଇ ବର୍ଷା ଛାଡ଼ିଲା ପରେ ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଆମ୍ବ | ଅଂଗିୟ ଅବସ୍ଥା (ନୁଆଁ ବଗିଚା) | • ପୂର୍ବ ବର୍ଷାର ସ୍ଥିତି ଏବଂ ଆଗାମୀ ଦିନରେ ହେବାକୁ ଥିବା ବର୍ଷାକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ବଗିଚାରୁ ଅତିରିକ୍ତ ବର୍ଷା ପାଣି ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି ।<br>• କିଛି ଦିନ ପାଇଁ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।<br>• ବର୍ଷା ଛାଡ଼ିଲା ପରେ ରୋଗ ପୋକ ଆକ୍ରମଣ ବିରୁଦ୍ଧରେ ଗଛର ନିୟମିତ ନିରୀକ୍ଷଣ କରନ୍ତୁ । |
| ବାଇଗଣ ଓ ବିଲାତି ବାଇଗଣ | ଅଂଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ପ୍ରଚଳିତ ପାଗ ଯୋଗୁଁ ଆଗାମୀ ଦିନରେ କବକ ଜନିତ ରୋଗ ଆକ୍ରମଣର ସମ୍ଭାବନା ବୃଦ୍ଧି ହୋଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗାମୀ ଦିନରେ କିଛିଟା ସ୍ଥାନରେ ଭାରି ବର୍ଷା ହେବାର ମଧ୍ୟ ସମ୍ଭାବନା ଥିବାରୁ ଚାଷୀଭାଇମାନେ ଯେକୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ।<br>• ପନିପରିବା ଫସଲରେ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରନ୍ତୁ । |
| ଗୋରୁ ଗାଈ ଓ ମଇଷି | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ବର୍ଷା ଛାଡ଼ିଲା ପରେ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ତେଣୁ ଗୁହାଳକୁ ସୁଖା ଓ ସଫା ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ । | |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ବର୍ଷାଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର । କୁକୁଡ଼ା ଘରକୁ ବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ । | |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।